+3 Arts 1st Semester

No. of Printed Pages : 4 2024-25 Sem-I-UG-Odia-AEC-1(NEP)

# 2024-25

**Time - 3 hours**

**Full Marks - 100**

*Answer all parts as per instructions.*
*Figures in the right hand margin indicate marks.*

## PART – I

୧ । ପ୍ରଦତ୍ତ ବିକଳ୍ପଗୁଡ଼ିକ ମଧ୍ୟରୁ ସଠିକ୍ ଉତ୍ତର ଚୟନ କରି ସମସ୍ତ ପ୍ରଶ୍ନର ଉତ୍ତର ଦିଅ । [୧ × ୧୦

(କ) ଈଷତ୍ ଶବ୍ଦର ଶୁଦ୍ଧରୂପଟି ଚିହ୍ନାଅ ।

(i) ଇଶତ୍ (ii) ଈଶତ୍ (iii) ଈଷତ୍ (iv) ଈସତ୍

(ଖ) ନିମ୍ନୋକ୍ତ କେଉଁ ବର୍ଣ୍ଣଟି ଶବ୍ଦର ଆଦ୍ୟରେ ବ୍ୟବହୃତ ହୋଇପାରେ ନାହିଁ ?

(i) ଳ (ii) ଢ଼ (iii) ଙ (iv) ଶ

(ଗ) ରୂଢ଼ିର ମୌଳିକ ଧର୍ମ କଣ ?

(i) ଆଭିଧାନିକ ଅର୍ଥରେ ବ୍ୟବହୃତ ହୁଏ ।

(ii) ଆଭିଧାନିକ ଅର୍ଥ ପରିତ୍ୟାଗ କରେ ।

(iii) ଆପଣାର ଭାଷିକ ରୂପ ପରିବର୍ତ୍ତନ ଘଟାଏ ନାହିଁ ।

(iv) ପ୍ରୟୋଗ ଭେଦରେ ଅର୍ଥ ବଦଳିଯାଏ ।

(ଘ) ତିନିକୁ ତେର କରିବା – ଏହି ରୂଢ଼ିର ଅର୍ଥ କଣ ?

(i) ପ୍ରଚାର କରିବା (ii) ସର୍ବନାଶ ଘଟାଇବା

(iii) ଟାଣ ଭାଙ୍ଗିଦେବା (iv) ଠକିବା

P.T.O.

(ଙ) 'ମୁଁ ରାସ୍ତାରେ ଯାଉ ଯାଉ ପଡ଼ିଗଲି ।' ଏହା କେଉଁ ପ୍ରକାର ବାକ୍ୟ ?

(i) ସରଳ (ii) ଯୌଗିକ

(iii) ଜଟିଳ (iv) ମିଶ୍ର

(ଚ) ହାତୀଟି ଗୀତ ଗାଉଛି – ଏହା କାହିଁକି ବାକ୍ୟ ନୁହେଁ ?

(i) ଆକାଂକ୍ଷା ରହୁଥିବାରୁ (ii) ଯୋଗ୍ୟତା ଅଭାବ

(iii) ଆସତ୍ତିର ଅଭାବ (iv) ଖଣ୍ଡବାକ୍ୟ ହେଉଥିବାରୁ

(ଛ) ନିମ୍ନୋକ୍ତ ମଧ୍ୟରୁ କେଉଁଟି ଅନୁଚ୍ଛେଦ ସଂକ୍ଷେପଣର ଏକ ନିୟମ ନୁହେଁ ?

(i) ବୃହତ୍ତର ଅନୁଚ୍ଛେଦକୁ ଆମୂଳଚୂଳ ପାଠ କରିବା ।

(ii) ବୃହତ୍ତର ଅନୁଚ୍ଛେଦର ଭାବାର୍ଥ ବୁଝିବା ।

(iii) ବୃହତ୍ତର ଅନୁଚ୍ଛେଦର କେବଳ ମୂଳ ବିଷୟ ସଂକ୍ଷିପ୍ତ କରିବା ।

(iv) ଅନୁଚ୍ଛେଦର ବିସ୍ତୃତ ବର୍ଣ୍ଣନା କରିବା ।

(ଜ) ଶୀର୍ଷକ ନିର୍ଦ୍ଧାରଣର ନିୟମ କେଉଁଟି ନୁହେଁ ?

(i) ବିଷୟ ଆଧାରିତ (ii) ପ୍ରତୀକାତ୍ମକ

(iii) ବ୍ୟଙ୍ଗ୍ୟାତ୍ମକ (iv) ବର୍ଣ୍ଣନାତ୍ମକ

(ଝ) Advertising to give public notice on to announce publicity. – କାହାର ମତ ?

(i) ୱେବ୍‌ଷ୍ଟର (ii) ଗାର୍ଡ଼ନର୍

(iii) ଉଇଲିୟମ୍ (iv) କୋଟ୍‌ଲର୍

(ଞ) ହାତୀ ଉପଦ୍ରବ ରୋକିବାକୁ ହେଲେ କାହାକୁ ପତ୍ର ଲେଖିବାକୁ ହେବ ?

(i) ଥାନାଧିକାରୀ (ii) ବନଖଣ୍ଡ ଅଧିକାରୀ

(iii) ବି.ଡି.ଓ. (iv) ତହସିଲଦାର





## PART – II

୨ । ସମସ୍ତ ପ୍ରଶ୍ନର ଉତ୍ତର ପ୍ରତ୍ୟେକକୁ ୫୦ଟି ଶବ୍ଦ ମଧ୍ୟରେ ଦିଅ । [୨ × ୯

(କ) ଗଠନମୂଳକ ଦୃଷ୍ଟିରୁ ବାକ୍ୟ କେତେ ପ୍ରକାର ଓ କଣ କଣ ?

(ଖ) ରୂଢ଼ି କେତେ ପ୍ରକାର ଓ କଣ କଣ ?

(ଗ) ଜଟିଳ ବାକ୍ୟ କାହାକୁ କୁହାଯାଏ ଏବଂ ଏହାର ଏକ ଉଦାହରଣ ଦିଅ ।

(ଘ) ଶବ୍ଦ କାହାକୁ କୁହାଯାଏ ଏବଂ 'ସ' ବ୍ୟବହୃତ ଦୁଇଟି ଶୁଦ୍ଧ ଶବ୍ଦ ଲେଖ ।

(ଙ) ତୁଳନାତ୍ମକ ରୂଢ଼ି କାହାକୁ କୁହାଯାଏ ଏବଂ ଏହାର ଦୁଇଟି ଉଦାହରଣ ଦିଅ ।

(ଚ) ଏକ ବିଷୟରେ ଶୀର୍ଷକ ନିର୍ଦ୍ଧାରଣରେ କେଉଁ କେଉଁ ଦିଗକୁ ଗୁରୁତ୍ୱ ଦେବା ଉଚିତ୍, ସଂକ୍ଷେପରେ ଆଲୋଚନା କର ।

(ଛ) ପ୍ରଶ୍ନୋତ୍ତର କିଭଳି ହେବା ଉଚିତ୍, ଆଲୋଚନା କର ।

(ଜ) ସ୍ତମ୍ଭ ଲିଖନର ଦୁଇଟି ବୈଶିଷ୍ଟ୍ୟ ଲେଖ ।

(ଝ) ଫିଚର କଣ ଏବଂ ତା'ର ଦୁଇଟି ଉପାଦାନ ଉଲ୍ଲେଖ କର ।

## PART – III

୩ । ଯେକୌଣସି ୮ଟି ପ୍ରଶ୍ନର ଉତ୍ତର ପ୍ରତ୍ୟେକକୁ ୨୫୦ଟି ଶବ୍ଦ ମଧ୍ୟରେ ଦିଅ । [୫ × ୮

(କ) ବନାନ୍ ଶୁଦ୍ଧିର ନିୟମ ସମ୍ପର୍କରେ ଆଲୋଚନା କର ।

(ଖ) କ୍ରିୟାଯୁକ୍ତ ରୂଢ଼ି କଣ ? ଉଦାହରଣ ସହ ବର୍ଣ୍ଣନା କର ।

(ଗ) ବାକ୍ୟର ଲକ୍ଷଣଗୁଡ଼ିକ ସମ୍ପର୍କରେ ଉଦାହରଣ ସହ ଲେଖ ।

(ଘ) ଯୌଗିକ ବାକ୍ୟ ସମ୍ପର୍କରେ ଦୃଷ୍ଟାନ୍ତ ସହ ଉଲ୍ଲେଖ କର ।

(ଙ) ଫିଚରର ଧର୍ମ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କର ।

(ଚ) ପତ୍ରଲିଖନର ଶୈଳୀ ସମ୍ପର୍କରେ ଲେଖ ।

(ଛ) ଅନୁଚ୍ଛେଦ ସଂକ୍ଷେପଣ କଣ ? ଏହାର ନିୟମାବଳୀ ସମ୍ପର୍କରେ ବର୍ଣ୍ଣନା କର ।

(ଜ) ବିଜ୍ଞାପନର ଶ୍ରେଣୀ ବିଭାଗ କର ।

(ଝ) ନୂତନ ବର୍ଷରେ ଆୟୋଜନ କରିଥିବା ବଣଭୋଜି ସମ୍ପର୍କରେ ବନ୍ଧୁ ନିକଟକୁ ଏକ ପତ୍ର ଲେଖ ।

(ଞ) ପ୍ରଶ୍ନୋତ୍ତରରେ କେଉଁ କେଉଁ ଦିଗ ପ୍ରତି ଗୁରୁତ୍ୱ ନେବାକୁ ପଡ଼େ ସେ ସମ୍ପର୍କରେ ଆଲୋଚନା କର ।

## PART – IV

ଯେକୌଣସି ୪ଟି ପ୍ରଶ୍ନର ଉତ୍ତର ପ୍ରତ୍ୟେକକୁ ୮୦୦ଟି ଶବ୍ଦ ମଧ୍ୟରେ ଦିଅ ।

୪ । ରୂଢ଼ି ସମ୍ପର୍କରେ ଆଲୋଚନା କରି ଏହାର ପ୍ରକାରଭେଦକୁ ଉଦାହରଣ ସହ ଦର୍ଶାଅ । [୮

୫ । ବାକ୍ୟ କାହାକୁ କୁହାଯାଏ ? ଉଭୟ ଭାବସୂଚକ ଓ ଗଠନମୂଳକ ଦୃଷ୍ଟିରୁ ଏହାର ପ୍ରକାରଭେଦକୁ ସଦୃଷ୍ଟାନ୍ତ ଆଲୋକପାତ କର । [୮

୬ । ଅନୁଚ୍ଛେଦକୁ ସଂକ୍ଷିପ୍ତ କରିବାର ବିଭିନ୍ନ କୌଶଳକୁ ଉଦାହରଣ ସହ ବର୍ଣ୍ଣନା କର । [୮

୭ । ସ୍ତମ୍ଭ ଲିଖନର ପ୍ରକାରଭେଦ ସମ୍ପର୍କରେ ଆଲୋଚନା କର । [୮

୮ । ବିଜ୍ଞାପନର ବୈଶିଷ୍ଟ୍ୟ ନିରୂପଣ କରି ଏହାର ପ୍ରକାରଭେଦ ସମ୍ବନ୍ଧରେ ସବିସ୍ତୃତ ଆଲୋଚନା କର । [୮